# Akashvani, Sambalpur

## SAMBALPURI NEWS BULLETIN

### 26 October 2024- 6.47- 6.52 am.

*********************************************

ମୁଖ୍ୟମନ୍ତ୍ରୀ- ଏସ୍‌ଆର୍‌ସି ଆର୍‌ଏନ୍‌ୟୁ / ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ଆକାଶ୍‌ମାର୍ଗନୁ ବାତ୍ୟା ପ୍ରଭାବିତ୍ ଇଲାକାମାନ୍‌କର୍ ଅନୁଧ୍ୟାନ୍ କର୍‌ବାର୍ କାର୍ଯ୍ୟକ୍ରମ୍ ରହିଛେ । ଇ ସମିଆଥି ମୁଖ୍ୟମନ୍ତ୍ରୀ ଭିନ୍ ଭିନ୍ ଜିଲ୍ଲା ନ ହେଇଥିବା କ୍ଷୟକ୍ଷତିର ଅନୁଧ୍ୟାନ୍ କର୍‌ବେ ବଲି ଜନାପଡ଼ିଛେ । ସେଆଡ଼େ ଗଲାକାଏଲ୍ ସଞ୍ଜ୍‌ବେଲେ ମୁଖ୍ୟମନ୍ତ୍ରୀ- ସ୍ୱତନ୍ତ୍ର ରିଲିଫ୍ କମିଶନର୍‌ଙ୍କର୍ କାର୍ଯ୍ୟାଳୟ ନ ବାତ୍ୟା ପରିସ୍ଥିତି ଆର୍ ପୁନରୁଦ୍ଧାର୍ କାମ୍‌ର ସମୀକ୍ଷା କରିଛନ୍ । ସମୀକ୍ଷା ଉତ୍‌ରୁ ଗଣମାଧ୍ୟମ୍‌କେ ମୁଖ୍ୟମନ୍ତ୍ରୀ କହିଛନ୍ ଯେ, ସର୍‌କାର୍ ଜିରୋ କାଜୁଆଲ୍‌ଟି ଲକ୍ଷ୍ୟ ହାସଲ୍ କରିଛନ୍ । ମୋଟ୍ ୨୨ ଲାଖ୍ ୪୩ ହଜାର୍ ଲୁକ୍‌କର୍ ଘରେ ବିଜ୍‌ଲି ସେବା ବିଚ୍ଛିନ୍ନ ହେଇଥିଲା । ସେଥିର୍‌ଭିତ୍‌ରୁ ଗଲାକାଏଲ୍ ସଞ୍ଜ୍‌ବେଲ୍‌ତକ୍ ୧୪ ଲାଖ୍ ୮୦ ହଜାର୍ ଲୁକ୍‌କର୍ ଘରେ ବିଜ୍‌ଲି ସେବା ସ୍ୱାଭାବିକ୍ ହେଇଛେ । ବାକି ଲୁକ୍‌କର୍ ଘରେ ଖୋବ୍ ଜଲ୍‌ଦି ବିଜ୍‌ଲି ପୁହୁଁଚିଯିବା । ସେ

କହିଛନ୍ ଯେ, କୃଷି କ୍ଷେତ୍ର ନ ପ୍ରାରମ୍ଭିକ୍ ଆକଲନ୍ ନୁ ୧ ଲାଖ୍ ୭୫ ହଜାର୍ ଏକଡ଼୍ ଚାଷ୍ ଜମିଥି ଫସଲ୍ ନୁକ୍ସାନ୍ ହେଇଛେ । ପୁରା ତଥ୍ୟ ମିଲ୍ବାର୍ ଉତ୍ରୁ କ୍ଷତିପୂରଣ୍ ଦିଆଯିବା । ଯେନ୍ ଜାଗା ନ ପାଏନ୍ ଜମ୍ବାର୍ ସହେତେ ଲୁକ୍କର୍ ଘର୍ ଭାଙ୍ଗିଛେ ସେନର୍ ଲୁକେ ବାତ୍ୟା ଆଶ୍ରୟସ୍ଥଲ୍ ନ ରହିପାର୍ବେ । ଦର୍କାର୍ ଅନ୍ସାରେ ଆଶ୍ରୟସ୍ଥଲୀମାନ୍କେ ୭ ଦିନ୍ତକ ରନ୍ଧା ଖାଏବାର୍ଟା ଯୁଗେଇ ଦେବାର୍କେ ମୁଖ୍ୟମନ୍ତ୍ରୀ ଜିଲ୍ଲାପାଲ୍ମାନ୍କୁ ନିର୍ଦ୍ଦେଶ୍ ଦେଇଛନ୍ ।

ସର୍କାରୀ କର୍ମଚାରୀ ଛୁଟି ବାତିଲ୍ ଆର୍ଏନ୍ୟୁ /ସମ୍ବଲପୁର

ରାଜ୍ୟର୍ ସବୁ ସର୍କାରୀ ବିଭାଗ୍ର ଅଧିକାରୀ ଆର୍ କର୍ମଚାରୀମାନ୍କର୍ ଛୁଟିକେ ବାତିଲ୍ କରାଯାଇଛେ । ଇ ବାବ୍ଦେ ସ୍ୱତନ୍ତ୍ର ରିଲିଫ୍ କମିଶନର୍- ଏସ୍ଆର୍ସିଙ୍କର୍ ତର୍ଫୁ ସୂଚ୍ନା ମିଲିଛେ । ଆଏଜ୍ ୪ ନମ୍ବର୍ ଶନିବାର୍ ଆର୍ ଆଏବା କାଏଲ୍ ରଏବାର୍ ସର୍କାରୀ ଛୁଟି ଥିଲେ ଭିଲ୍ ଅଫିସ୍ମାନ୍ ଖୁଲା ରହେବା । ବାତ୍ୟା ଉତ୍ରର୍ ଉଦ୍ଧାର୍ ଆର୍ ରିଲିଫ୍ କାମ୍ଥି ଅଧିକାରୀ ଆର୍ କର୍ମଚାରୀମାନେ ନିୟୋଜିତ ହେବେ ।

## ବାତ୍ୟା- ସ୍ୱାସ୍ଥ୍ୟ ବିଭାଗ        ଆର୍ଏନ୍ୟୁ /ସମ୍ବଲପୁର

ବାତ୍ୟା ଦାନା ଯିବାର୍ ଉତ୍ରୁ ୧୪ ଟା ଜିଲ୍ଲା ନ ବନ୍ୟା ପରିସ୍ଥିତି ସୃଷ୍ଟି ହେବାର୍ ସମ୍ଭାବନା ରହିଛେ । ଇ ସମିଆଥି ଜିଲ୍ଲା ନ ଝାଡ଼ାବାନ୍ତି ସହେତେ ଜର୍ ବାଗିର୍ ସଂକ୍ରମଣ୍ ରୋଗ ସୃଷ୍ଟି ହେଇପାରେ । ହେଥିର୍‌ଲାଗି ଜିଲ୍ଲାର୍ ତଲିଆ ଇଲାକା ନ ଉପାନ୍ତ ଇଲାକାତକ୍ ଖାସ୍ ଧ୍ୟାନ୍ ଦେବାର୍‌କେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର୍ ନିଳକଣ୍ଠ ମିଶ୍ର କହିଛନ୍ । ସେ କହିଛନ୍ ଯେ, ଇ ସବୁ ଦିଗ୍‌କେ ନଜର୍ ରଖିକରି ଜିଲ୍ଲାମାନ୍‌କେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛେ । ଇ ବାବ୍‌ଦେ ସିଡ଼ିଏମ୍‌ଓ ମାନ୍‌କୁ ନିର୍ଦ୍ଦେଶ୍‌ନାମା ଦିଆଯାଇଛେ ।

## ଆଘର୍ ବିଧାୟକ୍ ପରଲୋକ        ଆର୍ଏନ୍ୟୁ /ସମ୍ବଲପୁର

ଅବିଭକ୍ତ ସମ୍ବଲ୍‌ପୁର୍ ଜିଲ୍ଲା ମହାଦେବ୍ ପାଲି- ଅମ୍ବାଭୋନା - ମୁରା ନିର୍ବାଚନ୍ ମଣ୍ଡଳୀର୍ ଶତାୟୁ ଆଘର୍ ବିଧାୟକ୍ ମକର୍‌ଧଜ୍ ପ୍ରଧାନ୍‌ଙ୍କର୍ ଗଲାକାଏଲ୍ ପରଲୋକ ହେଇଛେ । ମୃତ୍ୟୁ ବେଲ୍‌କେ ତାହାକୁ ଶହେ ୧ ବଛର୍ ୧୦ ମାସ୍ ହେଇଥିଲା । ଲଖନ୍‌ପୁର୍ ବ୍ଲକ୍

ବାଘମୁଣ୍ଡାର ବାସଭବନ୍ ନ ସେ ତାଙ୍କର ଶେଷନିଶ୍ୱାସ ତ୍ୟାଗ କରିଛନ୍ । ମକର୍‌ଧଜ୍‌ଙ୍କର୍ ବିୟୋଗଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆର୍ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଗଭୀର ଶୋକ ପ୍ରକାଶ କରିଛନ୍ । ଇନ ଜନେଇ ଦିଆଯାଇପାରେ ଯେ, ଦେଶ୍ ସ୍ୱାଧୀନ୍ ଉତ୍‌ରର୍ ବା ୧୯୫୨ ମସିହା ଓଡ଼ିଶାର୍ ପହେଲା ବିଧାନ୍‌ସଭା ନିର୍ବାଚନ୍‌ଥି ମକର୍‌ଧଜ୍ ସୋସିଆଲିଷ୍ଟ ପାର୍ଟିନୁ ଲଢ଼ିକରି ଜିତିଥିଲେ ।

ମନ୍ କି ବାତ୍ ଆର୍‌ଏନ୍‌ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା କାଏଲ୍ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୧୫ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।

ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍, ସୂଚନା ଆଉ ପ୍ରସାରଣ୍

ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା । ସେହିଦିନ ରାତିର୍ ୮ ବଜେ ଆଂଚଲିକ୍ ଭାଷାନ୍ତରଣ୍‌ର ଫେର୍‌ଘାଏ ପ୍ରସାରଣ୍ କରାଯିବା ।

ଆଦର୍ଶ ବିଦ୍ୟାଳୟ-ପ୍ରବେଶିକା ପରୀକ୍ଷା ଆର୍‌ଏନ୍‌ୟୁ /ସମ୍ବଲପୁର

ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଆର୍ ଓଡ଼ିଶା ମାଇନିଂ ଆଦର୍ଶ ବିଦ୍ୟାଳୟ ନ ନାଁଲେଖାର ପ୍ରବେଶିକା ପରୀକ୍ଷା ଲାଗି ମାଧ୍ୟମିକ ଶିକ୍ଷା ପରିଷଦ୍ ତର୍‌ଫୁ ଦର୍‌ଖାସ୍ତ ଆହ୍ୱାନ୍ କରାଯାଇଛେ । ଇ ଆବେଦନ୍ ପ୍ରକ୍ରିୟା ଆଏଜ୍‌ଠାନୁ ମୁଲ୍ ହେଇକରି ନଭେମ୍ବର୍ ୨୦ ତାରିଖ୍‌ତକ୍ ଚାଲ୍‌ବା । ୬ କ୍ଲାସ୍‌ନୁ ୯ କ୍ଲାସ୍‌ଥି ନାଁ ଲେଖାବାର୍‌କେ ଇଚ୍ଛା କରୁଥିବା ଛାତ୍ରଛାତ୍ରୀମାନେ ଅନ୍‌ଲାଇନ୍‌ଥି ଆବେଦନ୍ କରିପାର୍‌ବେ । ଇନ ଜନଇେ ଦିଆଯାଇପାରେ ଯେ, ରାଏଜେ ୩ ଶହ ୧୪ ଟା ବ୍ଲକ୍ ନ ଆଦର୍ଶ ବିଦ୍ୟାଳୟ ରହିଛେ ।

ବନ୍ଦର, ଜାହାଜ ଆଉ ଜଲ୍‌ପଥ ମନ୍ତ୍ରଣାଳୟ ସଂସଦୀୟ କମିଟି

ଆର୍‌ଏନ୍‌ୟୁ /ସମ୍ବଲପୁର

ବନ୍ଦର, ଜାହାଜ ଆଉ ଜଲ୍‌ପଥ ମନ୍ତ୍ରଣାଲୟ ଲାଗି ଗୁଟେ ସଂସଦୀୟ କମିଟି ଗଠନ୍ ହେଇଛେ । ଇ କମିଟିଥି ମନ୍ତ୍ରଣାଲୟର୍ ମନ୍ତ୍ରୀ ସର୍ବାନନ୍ଦ ସୋନଓ୍ୱାଲ ଅଧ୍ୟକ୍ଷ ଥିବାର୍ ବେଲେ ଓଡ଼ିଶାର୍ ୩ ଝନ୍ ସାଂସଦ୍ ସଦସ୍ୟ ଭାବେ ଠାନ୍ ପାଇଛନ୍ । ସେମାନେ ହେଲେ ବ୍ରହ୍ମପୁର୍ ସାଂସଦ୍ ପ୍ରଦୀପ୍ କୁମାର୍ ପାଣିଗ୍ରାହୀ, ମୟୁର୍‌ଭଞ୍ଜ୍ ସାଂସଦ୍ ନବଚରଣ୍ ମାଝୀ ଆର୍ ଭଦ୍ରକ୍ ସାଂସଦ୍ ଅଭିମନ୍ୟୁ ସେଠୀ ।

ସୁରଭି- ୨୦୨୪ ଆର୍‌ଏନ୍‌ୟୁ / ସମ୍ବଲପୁର

ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ୍- ସୁରଭି- ୨୦୨୪ ଆଏବା ନଭେମ୍ବର୍ ୧୨ ନୁ ୧୪ ତାରିଖ୍‌ତକ୍ ପାଲନ୍ ହେବା । ଭୁବନେଶ୍ୱର୍ କେପିଟାଲ୍ ହାଇସ୍କୁଲ୍ ନ ହେବାର୍‌କେ ଥିବା ଇ ଉତ୍ସବ୍‌ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ୍ ଦେବାର୍ କାର୍ଯ୍ୟକ୍ରମ୍ ରହିଛେ । ଇ ବଛର୍ ସୁରଭି - ୨୦୨୪ର ମୁଖ୍ୟ ପ୍ରସଙ୍ଗ ହେଉଛେ ଓଡ଼ିଶାର୍ ଲୋକକଲା । ଜିଲ୍ଲାସ୍ତରୀୟ ସୁରଭି ଉତ୍ସବ୍‌ଥି ପହେଲା ଠାନ୍ ହାସଲ୍ କରିଥିବା

ଛାତ୍ରଛାତ୍ରୀମାନେ ରାଜ୍ୟସ୍ତରୀୟ ସୁରଭିର ଭିନ୍ ଭିନ୍ ପ୍ରତିଯୋଗିତାଥି ସାମିଲ୍ ହେବେ ।

ନନ୍ଦନ୍‌କାନନ ଖୁଲ୍‌ବା ଆର୍‌ଏନ୍‌ୟୁ / ସମ୍ବଲପୁର

ଆଏଜ୍‌ଠାନୁ ନନ୍ଦନ୍ କାନନ୍‌ର ପ୍ରାଣୀ ଆର୍ ଉଦ୍ଭିଦ ଉଦ୍ୟାନ ପର୍ଯ୍ୟଟକ୍‌ମାନ୍‌କର୍ ଲାଗି ଖୁଲାଯିବା ବଲି ନନ୍ଦନ୍ କାନନ୍ ଉପ ନିର୍ଦ୍ଦେଶକ୍ ସନତ୍ କୁମାର୍ ନାରାୟଣ୍ କହିଛନ୍ । ବାତ୍ୟା ଦାନାକେ ନଜର୍‌ଥି ରଖିକରି ପର୍ଯ୍ୟଟକମାନ୍‌କର୍ ଲାଗି ୨୪ ଆର୍ ୨୫ ତାରିଖ୍ ନନ୍ଦନ୍ କାନନ୍‌କେ ବନ୍ଦ୍ ରଖାଯାଇଥିଲା । ବାତ୍ୟା ପ୍ରଭାବ୍ କମ୍‌ବାର୍ ଉତ୍‌ରୁ ସବୁ ତଦାରଖ୍ ଉତ୍‌ରୁ ନନ୍ଦନ୍ କାନନ୍ ଖୁଲ୍‌ବାର୍‌କେ ନିଷ୍ପତି ନିଆଯାଇଛେ ।